# ଗଭୀର ନିଶୀଥେ

ଗଭୀର ନିଶୀଥେ ଅଧର ପୁଟେ ମୋ
ଚୁମ୍ବନେ ଦିଅ ଛାଇ
ମୁକ୍ତ କବରୀ ଅଳକ ପଙ୍କତି
ମୁଖକୁ ନିଅ ଲୁଚାଇ
ଧୀରେ ଧୀରେ ସଖି କର୍ଣ୍ଣପୁଟେ ମୋ
ପ୍ରିୟ ବୋଲି ଦିଅ କହି
ଗଭୀର ନିଶୀଥେ ଅଧର ପୁଟେ ମୋ... ।

ଚନ୍ଦ୍ରମା ଯେବେ ଗଗନେ ଦୋଳଇ
ମେଘ ମହ୍ଲାର ସ୍ୱରେ
ଉଭଳା ତୁମ ପଦର ନୂପୁର
ଅନଙ୍ଗ ସଂଗୀତ ତୋଳେ
କଟିର ମେଖଳା ମନ୍ଦ୍ରେ କହଇ
ପ୍ରିୟ ଅଂଗ ଚୁମି ନେଇ
ଗଭୀର ନିଶୀଥେ ଅଧର ପୁଟେ ମୋ... ।

ବାତାୟନ ଧାରେ ଉଭଳା ମଳୟ
ମଧୁରେ କହଇ ଥରେ
କ୍ଲାନ୍ତ ଅୟନେ ବାରିବାହ ସଙ୍ଗେ
ପ୍ରିୟାରେ ତନ୍ମୟେ ହେରେ
ନୀଳ ଗଗନରୁ ତାରକା ପଙ୍କତି
ଦେଖନ୍ତି ବାତୁଳୀ ହୋଇ
ଗଭୀର ନିଶୀଥେ ଅଧର ପୁଟେ ମୋ..... ।

କିଆଫୁଲ ସମ ଅଙ୍ଗ ସୁଗନ୍ଧି
ମୁକ୍ତେ ବିତରି ଯାଏ
ସଘନ ଅଳକ ଚନ୍ଦ୍ରମା ରାତ୍ରେ
ଅମା ସମ ପ୍ରତେ ହୁଏ
କୁହବାରେ ସଖି କିଏ ନିରିମାଖୀ
ନ ନେବ ଚକ୍ଷୁ ମିଳାଇ
ଗଭୀର ନିଶୀଥେ ଅଧର ପୁଟେ ମୋ... ।

ଲକ୍ଷେ କନକ ଚମ୍ପା ଈଶ୍ୱରେ
ଦେଇ ବରିଥିଲି ସଖି
ପ୍ରିୟ ସାଥେ ତୁମ ଜୀବନ ନଉକା
ବାହିବି ପ୍ରଣୟ ସାକ୍ଷୀ
ସେ କେଉଁ ପ୍ରତିତୀ ମନ ଗହନରୁ
ଅପସାରି ନିଏ ସହୀ
ଗଭୀର ନିଶୀଥେ ଅଧର ପୁଟେ ମୋ..... ।

□□□